ସୁଦିପ୍ତା ଲେଙ୍କା

ବନାମ

ଓଡିଶା ରାଜ୍ୟ ଏବଂ ଅନ୍ୟମାନେ

( ଆଜ୍ଞାଦେଶ ଆବେଦନ (ଦେୱାନୀ) ସଂଖ୍ୟା 957/2013 )

ମାର୍ଚ୍ଚ 12,2014

**[ଭାରତର ମୁଖ୍ୟ ନ୍ୟାୟାଧୀଶ ପି. ସଥାଶିବମ୍, ରଞ୍ଜନ ଗୋଗୋଇ ଏବଂ ଏନ୍. ଭି. ରମଣ ନ୍ୟାୟାଧୀଶଦ୍ୱୟ]**

*ଭାରତର ସମ୍ବିଧାନ, 1950:*

*ଅନୁଚ୍ଛେଦ 32-ମାମଲାର ତଦନ୍ତକୁ କେନ୍ଦ୍ରୀୟ ଅନ୍ୱେଷଣ ସଂସ୍ଥାକୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରି ଆଜ୍ଞାଦେଶ ଆବେଦନ-ଜଣେ ଚୁକ୍ତିଭିତ୍ତିକ ସରକାରୀ ଶିକ୍ଷୟିତ୍ରୀଙ୍କୁ ଯୌନ ଉତ୍ପୀଡନ -ପୀଡ଼ିତାଙ୍କୁ ଜାଳି ଦିଆଯାଇଛି ବୋଲି କୁହାଗଲା ଯାହା ତାଙ୍କ ମୃତ୍ୟୁରେ ପରିଣତ ହେଲା- ନିର୍ଣ୍ଣୟ ନିଆଗଲା : ସିବିଆଇକୁ ତଦନ୍ତ ହସ୍ତାନ୍ତର କରିବାର ସାମ୍ବିଧାନିକ ନ୍ୟାୟାଳୟର କ୍ଷମତା କେବଳ ଉପଯୁକ୍ତ ପରିସ୍ଥିତିରେ ପ୍ରୟୋଗ କରାଯିବା ଉଚିତ, ବହୁ ଜନ ସ୍ୱାର୍ଥ ମାନଦଣ୍ଡ ଏବଂ ଆଇନର ନିୟମ ବଜାୟ ରଖିବାର ଆବଶ୍ୟକତା ଉପରେ ବିଚାର କରାଯିବା ଉଚିତ-ମୃତ ମହିଳାଙ୍କ ମୃତ୍ୟୁ ପରବର୍ତ୍ତୀ ତଥ୍ୟ ଏବଂ ପରିସ୍ଥିତି ସମ୍ବନ୍ଧରେ, ଦାୟାର ହୋଇଥିବା ଆରୋପ ପତ୍ର ଏବଂ ଦୋଷୀ ଅଧିକାରୀଙ୍କ ବିରୋଧରେ ନିଆଯାଇଥିବା ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ଦୃଷ୍ଟିରେ ରଖି, ଏହି ପର୍ଯ୍ୟାୟରେ ଏହି ମାମଲାରେ ଆଉ କୌଣସି ନିର୍ଦ୍ଦେଶର ଆବଶ୍ୟକତା ନାହିଁ-ପୀଡ଼ିତାଙ୍କ ମୃତ୍ୟୁ ପୂର୍ବରୁ ଘଟିଥିବା ଘଟଣା ସମ୍ବନ୍ଧରେ, ତାହାର, ପ୍ରଥମ ଦୃଷ୍ଟିଗତ ତଥ୍ୟ କିଛି ପରିମାଣର ଅବହେଳା ଏବଂ ଉଦାସୀନତା ପ୍ରକାଶ କରେ-ତେଣୁ ଯଦି, ଏହା ଧ୍ୟାନ ଦିଆଯାଇଛି ଯେ,କେତେକ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ତେବେ ରାଜ୍ୟ ସରକାର ମୃତ ମହିଳାଙ୍କ ଦ୍ୱାରା ଉଠାଯାଇଥିବା ଅଭିଯୋଗକୁ ଧ୍ୟାନ ନଦେବା ପାଇଁ ଅନ୍ୟ କୌଣସି ଅଧିକାରୀ କିମ୍ବା କର୍ତ୍ତୃପକ୍ଷ, କୌଣସି ସ୍ତରରେ, ଦାୟୀ କି ନାହିଁ ତାହା ଜାଣିବା ପାଇଁ ଏକ ବିସ୍ତୃତ ପ୍ରଶାସନିକ ତଦନ୍ତ କରିବା ଉଚିତ ଏବଂ ସେହି ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ-ଜନ ସ୍ୱାର୍ଥ ମାମଲା ।*

ଓଡ଼ିଶାରେ ଜଣେ ଶିକ୍ଷା ସହାୟକ (ଚୁକ୍ତିଭିତ୍ତିକ ସରକାରୀ ଶିକ୍ଷକ) ଙ୍କୁ 27.10.2013 ରେ ଜାଳି ଦିଆଗଲା । ତାଙ୍କୁ ଡାକ୍ତରଖାନାକୁ ନିଆଗଲା ଯେଉଁଠାରେ ସେ ଦଗ୍ଧାଘାତ କାରଣରୁ ମୃତ୍ୟୁବରଣ କଲେ । ଏହି ଘଟଣା ସମ୍ବନ୍ଧରେ ପ୍ରକାଶିତ ଅନେକ ଖବରକାଗଜ ରିପୋର୍ଟକୁ ଉଲ୍ଲେଖ କରି ଆବେଦନକାରୀ, ଜଣେ ଯୁବ ଆଇନ ଛାତ୍ରୀ, ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ତୁରନ୍ତ ଆବେଦନ ଦାଖଲ କରିଥିଲେ ଯେ ଯେଉଁ ବିବରଣୀରେ ଉକ୍ତ ଘଟଣାର କାରଣ ଦର୍ଶାଯାଇଛି, ସେ ଗୁଡିକ ହେଉଛି ଅର୍ଥାତ୍, ମୃତ ମହିଳା ଜଣକ ଜଣେ ବିଦ୍ୟାଳୟ ଉପ ନିରୀକ୍ଷକଙ୍କ ଦ୍ୱାରା ଯୌନ ଉତ୍ପୀଡନର ଶିକାର ହୋଇଥିଲେ; ସେ ସ୍ଥାନୀୟ ପୋଲିସ ନିକଟରେ 18.07.2013 ରେ ଏକ ଅଭିଯୋଗ ଦାଖଲ କଲେ, ଏବଂ ରାଜ୍ୟର ବିଭିନ୍ନ କର୍ତ୍ତୃପକ୍ଷ ଏବଂ ଅନୁଷ୍ଠାନମାନଙ୍କୁ ଆବେଦନ ପଠାଇଥିଲେ; ଅଭିଯୁକ୍ତଙ୍କ କିଛି ପରିବାର ସଦସ୍ୟ ମୃତ ମହିଳାଙ୍କୁ ତାଙ୍କ ଅଭିଯୋଗ ପ୍ରତ୍ୟାହାର କରିବାକୁ ଧମକ ଦେଇଥିଲେ; ମୃତ ମହିଳା 19.09.2013 ରେ ପୋଲିସ ନିକଟରେ ଆଉ ଏକ ଅଭିଯୋଗ ଦାଖଲ କରିଥିଲେ । ଆବେଦନକାରୀ ଆହୁରି ଦାବି କଲେ ଯେ ମୃତ ମହିଳାଙ୍କୁ କୌଣସି ସୁରକ୍ଷା ଯୋଗାଇବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ପଦକ୍ଷେପ ନିଆଗଲା ନାହିଁ; ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ଏବଂ ମୃତ ମହିଳାଙ୍କୁ ତାଙ୍କ କାର୍ଯ୍ୟ ସ୍ଥଳରୁ ସ୍ଥାନାନ୍ତର କରିବା ନିମିତ୍ତ କୌଣସି ପଦକ୍ଷେପ ନିଆଗଲା ନାହିଁ । ଆବେଦନକାରୀ ଅଭିଯୋଗ କଲେ ଯେ ଏହି ଦୁଷ୍କର୍ମ ଘଟାଇଥିବା ଅପରାଧୀମାନେ ରାଜନୈତିକ ପୃଷ୍ଠପୋଷକତା ଅଧୀନରେ ଥିଲେ ଏବଂ ଅଭିଯୁକ୍ତଙ୍କର ଜଣେ ସାଂସଦ ଏବଂ ଜଣେ ମନ୍ତ୍ରୀଙ୍କ ସହ ଘନିଷ୍ଠ ସମ୍ପର୍କ ଥିଲା । ଆବେଦନକାରୀ ଉକ୍ତ ଶିକ୍ଷା ସହାୟିକାଙ୍କ ମୃତ୍ୟୁ ସହ ଜଡିତ ମାମଲାର ତଦନ୍ତକୁ ରାଜ୍ୟ ସଂସ୍ଥାରୁ କେନ୍ଦ୍ରୀୟ ଅନ୍ୱେଷଣ ସଂସ୍ଥାକୁ ସ୍ଥାନାନ୍ତର କରିବା ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହିପରି ତଦନ୍ତର ତଦାରଖ ପାଇଁ ନିର୍ଦ୍ଦେଶ ଲୋଡିଥିଲେ ।

ରାଜ୍ୟ ସରକାର ଏକ ପ୍ରତିଆରୋପ ଶପଥ ପତ୍ର କରି ଦର୍ଶାଇଛନ୍ତି ଯେ ଉକ୍ତ ବିଦ୍ୟାଳୟ ଉପ ନିରୀକ୍ଷକଙ୍କ ବିରୋଧରେ ମୃତ ମହିଳାଙ୍କ ଦ୍ୱାରା ତାରିଖ 18.7.2013 ରେ ନଥି ଭୁକ୍ତ ହୋଇଥିବା ଅଭିଯୋଗ ଆଧାରରେ ତାରିଖ 18.07.2013 ରେ ଭାରତୀୟ ଦଣ୍ଡ ସଂହିତାର ଧାରା 354/409 ଅନୁଯାୟୀ ମାମଲା ସଂଖ୍ୟା 60 ପଞ୍ଜିକୃତ ହେଲା; ଅଭିଯୁକ୍ତମାନଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ମୃତ ମହିଳାଙ୍କ ଦ୍ୱାରା ଦାୟାର କରାଯାଇଥିବା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ନିଆଗଲା ଏବଂ ସେମାନଙ୍କ ବିରୋଧରେ ତାରିଖ 19.07.2013 ରେ ମାମଲା ସଂଖ୍ୟା 62 ଏବଂ ତାରିଖ 16.08.2013 ରେ ମାମଲା ସଂଖ୍ୟା 70 ପଞ୍ଜିକୃତ ହେଲା ; ମୃତ ମହିଳାଙ୍କ ମୃତ୍ୟୁ ସହ ଜଡ଼ିତ ଘଟଣା ସମ୍ବନ୍ଧରେ, ତାରିଖ 28.10.2013 ବିଶିଷ୍ଟ ମାମଲା ସଂଖ୍ୟା 92 ପଞ୍ଜିକୃତ ହେଲା

ଏବଂ ଉକ୍ତ ବିଦ୍ୟାଳୟ ଉପ ନିରୀକ୍ଷକଙ୍କୁ ଗିରଫ କରାଗଲା । ଆହୁରି, ସମ୍ପୃକ୍ତ ପୋଲିସ ଥାନାର ଭାରପ୍ରାପ୍ତ ଅଧିକାରୀ ଏବଂ ଜଣେ ସହ ଉପ ନିରୀକ୍ଷକ , ଶିକ୍ଷା ବିଭାଗର ଦୁଇ ଜଣ ଅଧିକାରୀ ଏବଂ ଅଭିଯୁକ୍ତମାନଙ୍କୁ ଚାକିରିରୁ ବରଖାସ୍ତ କରାଯିବା ଘଟଣାଗୁଡିକୁ ରାଜ୍ୟ ଦ୍ଵାରା ନିଆଯାଇଥିବା ପରିଣାମମୂଳକ କାର୍ଯ୍ୟାନୁଷ୍ଠାନ ଭାବେ ଗୁରୁତ୍ୱପ୍ରଦାନ କରାଗଲା, ଏହା ବ୍ୟତୀତ 10 ଲକ୍ଷ ଟଙ୍କାର ଅନୁ କମ୍ପା ମୂଳକ ରାଶି ମୃତ ମହିଳାଙ୍କ ପିତାମାତାଙ୍କୁ ପ୍ରଦାନ କରାଗଲା । ଏହା ମଧ୍ଯ ସ୍ପଷ୍ଟ ଥିଲା ଯେ ଘଟିଥିବା ଦୁଷ୍କର୍ମ ପାଇଁ ସମ୍ପୃକ୍ତ ମାମଲାର ତଦନ୍ତରେ ଏପରି କୌଣସି ସାମଗ୍ରୀ ଠାବ କରାଯାଇପାରିଲା ନାହିଁ ଯାହା ରାଜନୈତିକ କିମ୍ବା ଅମଲାତାନ୍ତ୍ରିକ କ୍ଷମତା ଏବଂ ପ୍ରଭାବ ପ୍ରୟୋଗ କରୁଥିବା କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତିକୁ ଦର୍ଶାଇବ ।

ନ୍ୟାୟାଳୟଙ୍କ ସମ୍ମୁଖରେ ବିଚାର ପାଇଁ ପ୍ରଶ୍ନଗୁଡ଼ିକ ହେଲା : (i) ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତାର ଧାରା 302/120 B ଅନୁଯାୟୀ ଆରୋପ ପତ୍ର ଦାଖଲ କରିବା ପରେ ଏବଂ ଅପରାଧିକ ପ୍ରକ୍ରିୟା ସଂହିତାର ଧାରା 173 (8) ଅନୁଯାୟୀ ତଦନ୍ତକୁ ଉନ୍ମୁକ୍ତ ରଖିବା ପରେ , ଏହି ମାମଲାର ଅଧିକ ତଦନ୍ତ କେନ୍ଦ୍ରୀୟ ଅନ୍ୱେଷଣ ସଂସ୍ଥାକୁ ହସ୍ତାନ୍ତର କରିବାର କୌଣସି ଯଥାର୍ଥତା ରହିବ କି; ଏବଂ (ii) ରାଜ୍ୟର କୌଣସି ଅଧିକାରୀ କିମ୍ବା କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ସମାପନ ପାଇଁ କୌଣସି ନିର୍ଦ୍ଦେଶ ଆହ୍ୱାନ କରାଯିବ କି, ଯାହାଙ୍କ ପାଖରେ ଏହି ମାମଲା କୁ ପରିଚାଳନା କରିବାର ସୁଯୋଗ ଥିଲା ?

ଆବେଦନର ସମାଧାନ କରି ,ଏହି ନ୍ୟାୟାଳୟ

ନିର୍ଣ୍ଣୟ ନେଲେ ଯେ : 1.1 ଆରୋପ ପତ୍ର ଦାଖଲ ସତ୍ତ୍ୱେ କେନ୍ଦ୍ରୀୟ ଅନ୍ୱେଷଣ ସଂସ୍ଥା କିମ୍ବା ଅନ୍ୟ କୌଣସି ବିଶିଷ୍ଟ ସଂସ୍ଥାକୁ ତଦନ୍ତର ହସ୍ତାନ୍ତର କରିବା ସେତେବେଳେ ନ୍ୟାୟସଙ୍ଗତ ହେବ ଯେତେବେଳେ କେବଳ ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ ଅଭିଯୁକ୍ତଙ୍କ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ହେବା ଯୋଗୁଁ ତଦନ୍ତ ସଠିକ୍ ମାର୍ଗରେ ଆଗକୁ ଯାଇ ପାରିନାହିଁ କିମ୍ବା ଏହା ପକ୍ଷପାତୀ ହୋଇଛି । ଏକ ଉପଯୁକ୍ତ ନ୍ୟାୟାଳୟରେ ଆରୋପ ପତ୍ର ଦାଖଲ ହେବା ପରେ ଏକ ଅପରାଧିକ ମାମଲାର ଅଧିକ ତଦନ୍ତ ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 ର ଧାରା 173 (8) ଅନୁଯାୟୀ ଉକ୍ତ ନ୍ୟାୟାଳୟଙ୍କର କ୍ଷେତ୍ରାଧିକାରକୁ ପ୍ରଭାବିତ କରିପାରେ । ତେଣୁ, ଏହା ଜରୁରୀ ଯେ ବହୁ ଜନ ସ୍ୱାର୍ଥ ମାନଦଣ୍ଡ ଏବଂ ଆଇନର ନିୟମ ବଜାୟ ରଖିବାର ଆବଶ୍ୟକତା ଉପରେ ବିଚାର କରି ଉକ୍ତ କ୍ଷମତା, ଯାହା ସର୍ବଦା ଏକ ସାମ୍ବିଧାନିକ ନ୍ୟାୟାଳୟରେ ନିହିତ ରହିବ, ତାହାକୁ କେବଳ ଉପଯୁକ୍ତ ପରିସ୍ଥିତିରେ ପ୍ରୟୋଗ କରାଯିବା ଉଚିତ ।

*ଗୁଡାଲେୟାର୍ ଏମ୍. ଜେ. ସେରିଆନ ବନାମ* **ଭାରତ ସଂଘ 1991 ( 3) Suppl.SCR 251 = (1992) 1** *SCC 397; ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟ ଓକିଲ ସଂଘ ବନାମ ପଞ୍ଜାବ ରାଜ୍ୟ* **1994 AIR 1023 = 1993 ( 3) Suppl.SCR 915 = (1994) 1 SCC 616;** *ରୁବାବୁଦ୍ଦିନ୍ ଶେଖ୍ ବନାମ ଗୁଜରାଟ ରାଜ୍ୟ* **2010 AIR 3175 = 2010 ( 1) SCR B 991 = (2010) 2** SCC 200; ଏବଂ *ଦିଶା ବନାମ ଗୁଜରାଟ ରାଜ୍ୟ ଏବଂ ଅନ୍ୟମାନେ*, **2011 AIR 3168 = 2011 ( 9) SCR 359 = (2011) 13 SCC 337** ଉପରେ ନିର୍ଭର କରିଥିଲା ।

*ବିନୀତ ନାରାୟଣ ବନାମ ଭାରତ ସଂଘ 1996* **AIR 3386 = 1996 (1) SCR 1053 = (1996) 2 SCC 199;** *ଭାରତ ସଂଘ ବନାମ ସୁଶୀଲ କୁମାର ମୋଦୀ (1998) 8 SCC 661; ରାଜୀବ ରଞ୍ଜନ ସିଂହ 'ଲଲନ' (8) ବନାମ ଭାରତ ସଂଘ* **2006 (4) Suppl.SCR 742 = (2006) 6 SCC 613-** ଗ୍ରହଣୀୟ ନୁହେଁ ।

**1.2** ତୁରନ୍ତ ବିଚାର ସମ୍ବନ୍ଧୀୟ ଘଟଣାଗୁଡ଼ିକୁ ଦୁଇଟି ବିଭାଗରେ ବିଭକ୍ତ କରାଯାଇପାରେ- ଗୋଟିଏ ମୃତ ମହିଳାଙ୍କ ମୃତ୍ୟୁ ପୂର୍ବରୁ ଏବଂ ଦ୍ୱିତୀୟଟି ମୃତ୍ୟୁ ପରବର୍ତ୍ତୀ ସମୟରେ । ମୃତ ମହିଳାଙ୍କ ମୃତ୍ୟୁ ପରବର୍ତ୍ତୀ ତଥ୍ୟ ଏବଂ ପରିସ୍ଥିତି ସମ୍ବନ୍ଧରେ, ଦାୟାର ହୋଇଥିବା ଆରୋପ ପତ୍ର ଏବଂ ଦୋଷୀ ଅଧିକାରୀଙ୍କ ବିରୋଧରେ ନିଆଯାଇଥିବା ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ଦୃଷ୍ଟିରେ ରଖି, ଏହି ପର୍ଯ୍ୟାୟରେ ଏହି ପ୍ରସଙ୍ଗରେ ଆଉ କୌଣସି ନିର୍ଦ୍ଦେଶର ଆବଶ୍ୟକତା ନାହିଁ । ରାଜ୍ୟ ଅନ୍ୱେଷଣ ସଂସ୍ଥା ଦ୍ୱାରା ଆରୋପ ପତ୍ର ଦାଖଲ କରିବା ପରେ, ଅଧିକ ତଦନ୍ତ ପାଇଁ କେନ୍ଦ୍ରୀୟ ଅନ୍ୱେଷଣ ସଂସ୍ଥାକୁ ଏକ ମାମଲା ପଠାଇବା ପାଇଁ ଏହି ନ୍ୟାୟାଳୟଙ୍କର କ୍ଷମତା, ତତ୍କାଳୀନ ମାମଲାରେ ପ୍ରୟୋଗ କରାଯିବା ଉଚିତ ନୁହେଁ । ଏହା ପରିବର୍ତ୍ତେ, ଅଭିଯୁକ୍ତଙ୍କ ବିରୋଧରେ ଆଇନ ଦ୍ୱାରା ଆଦେଶମୂଳକ କାର୍ଯ୍ୟାନୁଷ୍ଠାନକୁ ଯଥାଶୀଘ୍ର ଏହାର ଯୁକ୍ତିଯୁକ୍ତ ସିଦ୍ଧାନ୍ତରେ ପହଞ୍ଚିବାକୁ ଅନୁମତି ଦିଆଯିବା ଉଚିତ । ଏଥି ସହିତ ଅଣଚିହ୍ନଟ ଅଭିଯୁକ୍ତମାନଙ୍କ ବିରୋଧରେ ଚାଲୁ ରଖାଯାଇଥିବା ତଦନ୍ତ ବିନା ବିଳମ୍ବରେ ଶେଷ ହେବା ଉଚିତ । ଏହି ନ୍ୟାୟାଳୟ ତଦନୁଯାୟୀ ନିର୍ଦ୍ଦେଶ ଦିଅନ୍ତି ଏବଂ ସମ୍ପୃକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରନ୍ତି । ତେବେ, ଏହା ସ୍ପଷ୍ଟ ଯେ ଅଭିଯୁକ୍ତଙ୍କ ବିଚାରକୁ ସେହି ଆଧାରରେ କିମ୍ବା ଅନ୍ୟ କୌଣସି ଆଧାରରେ ସ୍ଥଗିତ ରଖାଯିବ ନାହିଁ ଏବଂ ଏହା ତୁରନ୍ତ ଆଗକୁ ବଢ଼ିବ ଏବଂ ଯଥାଶୀଘ୍ର ସମ୍ଭବ ସମୟ ମଧ୍ୟରେ ଶେଷ ହେବ ।

**1.3** ତେବେ ମୃତ୍ୟୁ ଘଟଣା ପୂର୍ବରୁ ଘଟିଥିବା ଘଟଣାଗୁଡ଼ିକ ଟିକେ ଭିନ୍ନ ସ୍ତରରେ ରହିଛି । ଯେପରିକି ପ୍ରଥମ ଦୃଷ୍ଟିଗତ ତଥ୍ୟ କିଛି ମାତ୍ରାରେ ଅବହେଳା ଏବଂ ଉଦାସୀନତା ପ୍ରକାଶ କରେ ।

**ତେଣୁ, କେତେକ ଅଧିକାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଲକ୍ଷ୍ୟ କରି ମଧ୍ୟ, ଏହି ନ୍ୟାୟାଳୟଙ୍କର ମତ ହେଉଛି ଯେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କିମ୍ବା ମୃତ ମହିଳାଙ୍କୁ ସୁରକ୍ଷା ପ୍ରଦାନ କିମ୍ବା ତାଙ୍କୁ ତାଙ୍କ ନିଯୁକ୍ତି ସ୍ଥାନରୁ ସ୍ଥାନାନ୍ତର କରିବା ପ୍ରସଙ୍ଗରେ ମୃତ ମହିଳାଙ୍କ ଦ୍ୱାରା ଉଠାଯାଇଥିବା ଅଭିଯୋଗ, ଆରୋପ ଏବଂ ଦାବି ପ୍ରତି ଧ୍ୟାନ ନଦେବା ପାଇଁ ଅନ୍ୟ କୌଣସି ଅଧିକାରୀ କିମ୍ବା କର୍ତ୍ତୃପକ୍ଷ, କୌଣସି ସ୍ତରରେ, ଦାୟୀ କି ନାହିଁ ତାହା ଜାଣିବା ପାଇଁ ରାଜ୍ୟ ସରକାର ଏକ ବିସ୍ତୃତ ପ୍ରଶାସନିକ ତଦନ୍ତ କରିବା ଉଚିତ I ଏପରି ତଦନ୍ତରେ ମିଳିଥିବା ଫଳାଫଳ ଏବଂ ସିଦ୍ଧାନ୍ତ ଆଧାରରେ, ଏହି ପ୍ରସଙ୍ଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଏ I**

**ମାମଲା ଆଇନ ସନ୍ଦର୍ଭ :**

| | | |
|---|---|---|
| **2011 (9) SCR 359** | **ଅନୁଚ୍ଛେଦ 5 ଉପରେ** | **ନିର୍ଭର କରାଗଲା I** |
| **1991 (3) Suppl.SCR 251** | **ଅନୁଚ୍ଛେଦ 8 ଉପରେ** | **ନିର୍ଭର କରାଗଲା I** |
| **1993 (3) Suppl.SCR 915** | **ଅନୁଚ୍ଛେଦ 8 ଉପରେ** | **ନିର୍ଭର କରାଗଲା I** |
| **1996 (1) SCR 1053** | **ଅନୁଚ୍ଛେଦ 8କୁ** | **ଅପ୍ରାସଙ୍ଗିକ ବୋଲି ଧରିନିଆଗଲା I** |
| **1998 (8) SCC 661** | **ଅନୁଚ୍ଛେଦ 8 ଉପରେ** | **ନିର୍ଭର କରାଗଲା I** |
| **1996 (1) SCR 1053** | **ଅନୁଚ୍ଛେଦ 8 କୁ** | **ଅପ୍ରାସଙ୍ଗିକ ବୋଲି ଧରି ନିଆଗଲା I** |
| **2010 (1) SCR 991** | **ଅନୁଚ୍ଛେଦ 8 କୁ** | **ଅପ୍ରାସଙ୍ଗିକ ବୋଲି ଧରି ନିଆଗଲା ।** |

ଦେୱାନୀ ମୂଳ ଅଧିକାରିତା : ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ।

ଆଜ୍ଞାଦେଶ ଆବେଦନ (ଦେୱାନୀ) ସଂଖ୍ୟା 957/2013 ।

ଉପସ୍ଥିତଥିବା ପକ୍ଷଗୁଡ଼ିକ ପାଇଁ ଏଲ୍. ନାଗେଶ୍ୱର ରାଓ, ଏ. ଏସ୍. ଜି., ମୁକୁଲ୍ ଗୁପ୍ତା , ସୁରେଶ ଚନ୍ଦ୍ର ତ୍ରିପାଠୀ, ସଞ୍ଜୀବ ପାଣିଗ୍ରାହି, ସିଦ୍ଧାର୍ଥ ଚୌଧୁରୀ, ଶିବାଶିଷ ମିଶ୍ର, ବଂଶଦୀପ ଡାଲମିଆ, ବି. ଭି. ବଳରାମ ଦାସ, ସୁବର୍ଣ୍ଣ କଶ୍ୟପ, ଅସୀମ ସ୍ୱରୂପ ଉପସ୍ଥିତ ଥିଲେ ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟଧିଶ ରଞ୍ଜନ ଗୋଗୋଇ** ଙ୍କ ଦ୍ୱାରା . 1.ବାଙ୍ଗାଲୋରର ଜଣେ ଯୁବ ଆଇନ ଛାତ୍ରୀ, ଯିଏକି ଓଡିଶା ରାଜ୍ୟର ଅଟନ୍ତି, ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ବର୍ତ୍ତମାନର ଆବେଦନ ଦାଖଲ କରିଛନ୍ତି, ଯେଉଁଥିରେ ସେ ଦର୍ଶାଇଛନ୍ତି ଯେ ସେ ଅନୁଚ୍ଛେଦ 21 ଦ୍ୱାରା ପ୍ରତିଶ୍ରୁତିବଦ୍ଧ ହୋଇଥିବା ମୌଳିକ ଅଧିକାରଗୁଡିକର ଗୁରୁତର ଉଲ୍ଲଂଘନ ବୋଲି ବିବେଚନା କରିଛନ୍ତି, ଯାହା ଏକ ଦୁଃଖଦ ଘଟଣା ଯାହାର ଫଳସ୍ୱରୂପ ଜଣେ ଇତିଶ୍ରୀ ପ୍ରଧାନଙ୍କୁ ଓଡିଶା ରାଜ୍ୟର ରାୟଗଡା ଜିଲ୍ଲାରେ ଅବସ୍ଥିତ ଟିକିରି ନାମକ ସ୍ଥାନରେ 27.10.2013 ରେ ଜାଳି ଦିଆଗଲା । ଏହି ଘଟଣାର ଅଭାଗିନୀ ପୀଡ଼ିତା 01.11.2013 ରେ ମୃତ୍ୟୁବରଣ କଲେ ।

2. ଆବେଦନକାରୀଙ୍କ ଅନୁଯାୟୀ, ଉପରୋକ୍ତ ଇତିଶ୍ରୀ ପ୍ରଧାନ (ଏହା ପରେ "ମୃତ ମହିଳା " ଭାବରେ ସୂଚିତ) 18.06.2011 ରେ ଟିକିରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସହାୟିକା (ଚୁକ୍ତିଭିତ୍ତିକ ସରକାରୀ ଶିକ୍ଷକ) ଭାବରେ ଯୋଗ ଦେଲେ । ଯେହେତୁ ସେ ଆବାସ ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ, ଜଣେ ନେତ୍ରାନନ୍ଦ ଦଣ୍ଡସେନା, (ବର୍ତ୍ତମାନ ଜଣେ ଅଭିଯୁକ୍ତ ଏବଂ ଏହା ପରେ "ଅଭିଯୁକ୍ତ" ଭାବରେ ଜଣାଶୁଣା), ଯିଏ ସେତେବେଳେ ଟିକିରିରେ ବିଦ୍ୟାଳୟ ଉପ ନିରୀକ୍ଷକ ଭାବରେ କାର୍ଯ୍ୟ କରୁଥିଲେ, ତାଙ୍କୁ ତାଙ୍କ ନିଜ ଘରେ ରହିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହା ଜଣାପଡେ ଯେ ଉପରୋକ୍ତ ଅଭିଯୁକ୍ତଙ୍କ ଦ୍ୱାରା ମୃତ ମହିଳାଙ୍କୁ ଯୌନ ଉତ୍ପୀଡନ ଦିଆଯାଇଥିଲା ଯାହାଫଳରେ ମୃତ ମହିଳା ଜଣକ ସ୍ଥାନୀୟ ପୋଲିସ ନିକଟରେ 18.07.2013 ରେ ଅଭିଯୋଗ କଲେ ।ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ଉକ୍ତ ଅଭିଯୋଗ ଉପରେ ସ୍ଥାନୀୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା । 30.07.2013 ରେ ମୃତ ମହିଳା ରାଜ୍ୟ ମହିଳା ଆୟୋଗ ଏବଂ ଓଡ଼ିଶା ମାନବାଧିକାର ଆୟୋଗଙ୍କ ଦ୍ୱାରା ହସ୍ତକ୍ଷେପ ନିମିତ୍ତ ଅନୁରୋଧ କଲେ କିନ୍ତୁ ଉକ୍ତ ସଂସ୍ଥାଗୁଡ଼ିକ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ରାୟଗଡ଼ାର ଆରକ୍ଷୀ ଅଧୀକ୍ଷକଙ୍କୁ ତାଙ୍କ ଆବେଦନ ପଠାଇବା ବ୍ୟତୀତ ଆଉ କିଛି କରିନଥିଲେ । ଆବେଦନକାରୀଙ୍କ କହିବା ଅନୁଯାୟୀ, 31.07.2013 ରେ, ମୃତ ମହିଳା ପୋଲିସ ମହାନିର୍ଦ୍ଦେଶଙ୍କୁ ଅନୁରୋଧ କଲେ ଏବଂ 05.08.2013 ରେ ସେ ରାୟଗଡ଼ାର ଆରକ୍ଷୀପଠାଇଲେ । ଏହା ମଧ୍ୟ ଅଭିଯୋଗ ହୋଇଛି ଯେ ସେହି ଦିନ ଅର୍ଥାତ୍ 05.08.2013 ରେ ମୃତ ମହିଳା ରାୟଗଡ଼ା ଜିଲ୍ଲାପାଳଙ୍କ ନିକଟରେ ଏକ ଅଭିଯୋଗ ଦାଖଲ କରିଥିଲେ । ଆବେଦନକାରୀଙ୍କ କହିବା ଅନୁଯାୟୀ ମୃତ ମହିଳାଙ୍କ ଦ୍ୱାରା ବିଭିନ୍ନ କର୍ତ୍ତୃପକ୍ଷଙ୍କୁ ଦିଆଯାଇଥିବା ଉପରୋକ୍ତ ସମସ୍ତ ଅନୁରୋଧ କୌଣସି ଫଳାଫଳ ଦେଲାନାହିଁ । ଇତି ମଧ୍ୟରେ, କୌଣସି କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଉତ୍ସାହିତ ହୋଇ ଅଭିଯୁକ୍ତଙ୍କ ପରିବାରର କିଛି ସଦସ୍ୟ ମୃତ ମହିଳାଙ୍କୁ ପୋଲିସ

ନିକଟରୁ ତାଙ୍କର ଅଭିଯୋଗ ପ୍ରତ୍ୟାହାର କରିବା ପାଇଁ ଧମକ ଦେଲେ । ମୃତ ମହିଳା ଜଣକ 19.09.2013 ରେ ପୋଲିସ ନିକଟରେ ଆଉ ଏକ ଅଭିଯୋଗ ଦାୟାର କରି ପାଲଟା ଜବାବ ଦେଲେ । (ଉକ୍ତ ତାରିଖ ରାଜ୍ୟ ଦ୍ୱାରା ବିବାଦୀୟ ବୋଲି ଧରିନିଆଯାଏ) ଆବେଦନକାରୀ ଆହୁରି ଦାବି କରିଛନ୍ତି ଯେ 05.08.2013 ଠାରୁ 22.10.2013 ପର୍ଯ୍ୟନ୍ତ ମୃତ ମହିଳାଙ୍କୁ କୌଣସି ସୁରକ୍ଷା ଯୋଗାଇବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ପଦକ୍ଷେପ ନିଆଗଲା ନାହିଁ; ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ ଏବଂ ମୃତ ମହିଳାଙ୍କୁ ତାଙ୍କ କାର୍ଯ୍ୟ ସ୍ଥଳ ଅର୍ଥାତ୍ ଟିକିରିରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବାକୁ କୌଣସି ପଦକ୍ଷେପ ନିଆଗଲାନାହିଁ । ଆବେଦନକାରୀ ଆହୁରି ଅଭିଯୋଗ କରିଛନ୍ତି ଯେ 27.10.2013 ରେ ମୃତ ମହିଳାଙ୍କୁ ଜାଳି ଦିଆଗଲା ଏବଂ 90 ପ୍ରତିଶତ ପୋଡ଼ି ହୋଇ ଆହତ ଅବସ୍ଥାରେ ତାଙ୍କୁ ଡାକ୍ତରଖାନାକୁ ନିଆଗଲା; ଶେଷରେ, 01.11.2013 ରେ ବିଶାଖାପାଟଣାର ଏକ ଡାକ୍ତରଖାନାରେ ପୋଡ଼ି ହୋଇ ଦଗ୍ଧାଘାତ କାରଣରୁ ମୃତ୍ୟୁ ବରଣ କଲେ । ଏହି ଘଟଣା ସମ୍ବନ୍ଧରେ ପ୍ରକାଶିତ ଅନେକ ଖବରକାଗଜ ରିପୋର୍ଟ ବିଷୟରେ ଉଲ୍ଲେଖ କରି ଆବେଦନକାରୀ ଅଭିଯୋଗ କରିଛନ୍ତି ଯେ ଏହି ଦୁଷ୍କର୍ମ ଘଟାଇଥିବା ଅପରାଧୀମାନେ ରାଜନୈତିକ ପୃଷ୍ଠପୋଷକତା ଅଧୀନରେ ଥିଲେ ଏବଂ ଅଭିଯୁକ୍ତଙ୍କର ଜଣେ ସାଂସଦ ଏବଂ ଜଣେ ମନ୍ତ୍ରୀଙ୍କ ସହ ଘନିଷ୍ଠ ସମ୍ପର୍କ ଥିଲା । ଆବେଦନକାରୀ ଦର୍ଶାଇଛନ୍ତି ଯେ ଅନେକ ଅପରାଧିକ କାର୍ଯ୍ୟ ସତ୍ତ୍ୱେ, ଅଭିଯୁକ୍ତ ଅବାଧରେ ବୁଲୁଥିଲେ; ତାଙ୍କର ଦରମା ପାଉଥିଲେ ଏବଂ ଏପରିକି ସେବାରେ ପଦୋନ୍ନତି ମଧ୍ୟ ପାଇଥିଲେ । ଫଳସ୍ୱରୂପ ଆବେଦନକାରୀ ଇତିଶ୍ରୀ ପ୍ରଧାନଙ୍କ ମୃତ୍ୟୁ ସହ ଜଡ଼ିତ ମାମଲାର ତଦନ୍ତକୁ ରାଜ୍ୟ ସଂସ୍ଥାରୁ କେନ୍ଦ୍ରୀୟ ଅନ୍ୱେଷଣ ସଂସ୍ଥାକୁ ସ୍ଥାନାନ୍ତର କରିବା ଏବଂ ଏହି ନ୍ୟାୟାଳୟଙ୍କ ଦ୍ୱାରା ଏହିପରି ଅନୁସନ୍ଧାନର ତଦାରଖ ପାଇଁ ନିର୍ଦ୍ଦେଶ ଲୋଡିଥିଲେ ।

3. 12.11.2013 ରେ ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନର ଜବାବ ଓଡିଶା ରାଜ୍ୟ ଦ୍ୱାରା ତାରିଖ 02.01.2014ରେ ଏକ ପ୍ରତିଆରୋପ ଶପଥ ପତ୍ର ମାଧ୍ୟମରେ ଦିଆଯାଇଛି । ରାଜ୍ୟ ଅନୁଯାୟୀ, ନେତ୍ରାନନ୍ଦ ଦଣ୍ଡସେନାଙ୍କ ବିରୋଧରେ ମୃତ ମହିଳାଙ୍କ ଦ୍ୱାରା ଦାଖଲ ହୋଇଥିବା ତାରିଖ 18.7.2013ର ଅଭିଯୋଗ ଆଧାରରେ, ଟିକିରି ଥାନା ମାମଲା ସଂଖ୍ୟା 60 ଭାରତୀୟ ଦଣ୍ଡ ସଂହିତା 354/409 ଅନୁଯାୟୀ ତାରିଖ 18.07.2013ରେ ପଞ୍ଜୀକୃତ ହେଲା । ରାଜ୍ୟ, ଏହାର ପ୍ରତିଆରୋପ ସପଥପତ୍ରରେ, ରାଜ୍ୟର ବିଭିନ୍ନ ସଂସ୍ଥା ଏବଂ କର୍ତ୍ତୃପକ୍ଷଙ୍କୁ ମୃତ ମହିଳାଙ୍କ ଦ୍ୱାରା ଦାୟାର କରାଯାଇଥିବା ଅଭିଯୋଗ/ଉପସ୍ଥାପନା ଆଧାରରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନକୁ କ୍ରମିକ ଭାବରେ ଦର୍ଶାଇଛି । ଏହା ମଧ୍ୟ ଦାଖଲ କରାଯାଇଛି ଯେ ଅଭିଯୁକ୍ତଙ୍କ ପରିବାର ସଦସ୍ୟଙ୍କ

ବିରୋଧରେ ମୃତ ମହିଳାଙ୍କ ଦ୍ୱାରା ଦାୟାର କରାଯାଇଥିବା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଟିକିରି ଥାନା ମାମଲା ସଂଖ୍ୟା 62 ତାରିଖ 19.07.2013 ଏବଂ ମାମଲା ସଂଖ୍ୟା 70 ତାରିଖ 16.08.2013 ଅଭିଯୁକ୍ତଙ୍କ ପରିବାର ସଦସ୍ୟମାନଙ୍କ ବିରୋଧରେ ପଞ୍ଜୀକୃତ ହୋଇଛି । ଦାଖଲ ହୋଇଥିବା ପ୍ରତିଆରୋପ ଶପଥ ପତ୍ରରେ ଆହୁରି ମଧ୍ୟ କୁହାଯାଇଛି ଯେ ଇତିଶ୍ରୀ ପ୍ରଧାନଙ୍କ ମୃତ୍ୟୁ ସହ ଜଡ଼ିତ ଘଟଣା ସମ୍ବନ୍ଧରେ, ଟିକିରି ଥାନା ମାମଲା ସଂଖ୍ୟା 92 ତାରିଖ 28.10.2013 ପଞ୍ଜୀକୃତ ହୋଇଛି ଏବଂ ଉକ୍ତ ମାମଲାରେ ନେତ୍ରାନନ୍ଦ ଦଣ୍ଡସେନାଙ୍କୁ 30.10.2013 ରେ ଗିରଫ କରାଗଲା । ରାଜ୍ୟ ଅନୁଯାୟୀ, ନେତ୍ରାନନ୍ଦ ଦଣ୍ଡସେନାଙ୍କ ପଦୋନ୍ନତି 2012 ଡିସେମ୍ବର ମାସରେ କୌଣସି ସମୟରେ କରାଯାଇଥିବା ବିଭାଗୀୟ ପଦୋନ୍ନତି କମିଟିର ସୁପାରିଶ ଅନୁଯାୟୀ ହୋଇଥିଲା । ଟିକିରି ପୋଲିସ ଥାନାର ଭାରପ୍ରାପ୍ତ ଅଧିକାରୀ ଏବଂ ଉକ୍ତ ପୋଲିସ ଥାନା ସହିତ ଜଡ଼ିତ ଜଣେ ସହ ଉପ ନିରୀକ୍ଷକଙ୍କୁ ଚାକିରିରୁ ବରଖାସ୍ତ କରିବା; ରାୟଗଡ଼ାରେ ଅବସ୍ଥାପିତ ଶିକ୍ଷା ବିଭାଗର ଦୁଇ ଜଣ ଅଧିକାରୀଙ୍କୁ ବରଖାସ୍ତ କରିବା ଏବଂ ଅଭିଯୁକ୍ତ ନେତ୍ରାନନ୍ଦ ଦଣ୍ଡସେନାଙ୍କୁ ସମ୍ବିଧାନର ଅନୁଚ୍ଛେଦ 311 (2) ର ପ୍ରାବଧାନ (b) କୁ ପ୍ରୟୋଗ କରି ଚାକିରିରୁ ବରଖାସ୍ତ କରିବା ଘଟଣାଗୁଡିକୁ ରାଜ୍ୟ ଦ୍ୱାରା ନିଆଯାଇଥିବା ପରିଣାମମୂଳକ କାର୍ଯ୍ୟାନୁଷ୍ଠାନ ଭାବେ ଗୁରୁତ୍ୱପ୍ରଦାନ କରାଯାଇଛି , ଏହା ବ୍ୟତୀତ 10 ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ରାଶି ମୃତ ମହିଳାଙ୍କ ପିତାମାତାଙ୍କୁ ପ୍ରଦାନ କରାଗଲା ।

4. ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଅଧିବକ୍ତା ଶ୍ରୀ ସୁରେଶ ଚନ୍ଦ୍ର ତ୍ରିପାଠୀ ଦୃଢ଼ ଭାବେ ଅନୁରୋଧ କରିଛନ୍ତି ଯେ ବର୍ତ୍ତମାନର ମାମଲା ଜଣେ ଯୁବତୀଙ୍କ ଅଧିକାର ପ୍ରତି ଉଦବେଗର ଅଭାବକୁ ଦର୍ଶାଉଛି ଯିଏକି ପରିସ୍ଥିତି ହେତୁ ତାଙ୍କ ଘରଠାରୁ ଦୂରରେ ଥିବା ଏକ ସ୍ଥାନରେ ଚାକିରି କରିବାକୁ ବାଧ୍ୟ ହୋଇଥିଲେ । ଅଭିଯୁକ୍ତ ନେତ୍ରାନନ୍ଦ ଦଣ୍ଡସେନାଙ୍କ ଯୌନ ଶୋଷଣ ଉଦ୍ୟମକୁ ସେ ସାହସର ସହ ପ୍ରତିରୋଧ କରିଥିଲେ ଏବଂ ଅଭିଯୁକ୍ତଙ୍କ ବିରୋଧରେ ଆନୁଷ୍ଠାନିକ ଅଭିଯୋଗ କରିବାକୁ ସାହସ ଜୁଟାଇଥିଲେ । ଏଭଳି ଅଭିଯୋଗ ସ୍ଥାନୀୟ ପୋଲିସ ଥାନାରେ ଦାୟାର କରାଗଲା ଏବଂ ଜିଲ୍ଲା ପୋଲିସ ଅଧିକାରୀ ଯଥା ଆରକ୍ଷୀ ଅଧୀକ୍ଷକ, ଜିଲ୍ଲାପାଳ ତଥା ମାନବ ଅଧିକାର ଏବଂ ତାଙ୍କ ବ୍ୟକ୍ତିଗତ ଅଧିକାରର ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ବୈଧାନିକ ସଂସ୍ଥା (ରାଜ୍ୟ ମାନବାଧିକାର ଆୟୋଗ ଏବଂ ରାଜ୍ୟ ମହିଳା ଆୟୋଗ) ଗୁଡିକ ନିକଟରେ ମଧ୍ୟ ଅଭିଯୋଗ ଦାୟାର କରାଗଲା । ଏପରିକି ମୃତ ମହିଳା ଜଣକ ପୋଲିସ ମହାନିର୍ଦ୍ଦେଶକଙ୍କ ନିକଟକୁ ଯାଇଥିଲେ ଏବଂ ଶେଷରେ ସେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମଧ୍ୟ ଯାଇଥିଲେ । ତାଙ୍କର ବାରମ୍ବାର ଏବଂ ବ୍ୟାକୁଳ ନିବେଦନ ଉପରୋକ୍ତ କୌଣସି କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକ ପ୍ରତିକ୍ରିୟା ସୃଷ୍ଟି କରିବାରେ

ବିଫଳ ହେଲା । ତାଙ୍କ ଦ୍ୱାରା ଦାୟାର ହୋଇଥିବା ଅନେକ ଅଭିଯୋଗ ସତ୍ତ୍ୱେ ଅଭିଯୁକ୍ତ ଅବାଧରେ ବୁଲୁଥିଲେ । କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତା ହିଁ ଅଭିଯୁକ୍ତଙ୍କୁ ଏପରି କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିଥିଲା ଯାହାର ଫଳସ୍ୱରୂପ ପୀଡ଼ିତାଙ୍କର  ମୃତ୍ୟୁ ଘଟିଲା । ବିଦ୍ୱାନ ଅଧିବକ୍ତାଙ୍କ କହିବା ଅନୁଯାୟୀ, ଇତିଶ୍ରୀ ପ୍ରଧାନଙ୍କ ମୃତ୍ୟୁ ପରବର୍ତ୍ତୀ ଘଟିଥିବା ଘଟଣାକ୍ରମ ମଧ୍ୟ ସମାନ ଭାବେ ଭୟଙ୍କର । କିଛି ନିମ୍ନ ପଦବୀରେ ଥିବା କର୍ମଚାରୀଙ୍କୁ ଚାକିରିରୁ ବରଖାସ୍ତ କରିବା ଭଳି କେତେକ ଉପରଠାଉରିଆ କାର୍ଯ୍ୟ ବ୍ୟତୀତ ଅପରାଧିକ ମାମଲାର ତଦନ୍ତ ଅର୍ଥପୂର୍ଣ୍ଣଭାବେ ଆଗକୁ ବଢ଼ି ନାହିଁ । ଯଦିଓ ଅଭିଯୁକ୍ତ ନେତ୍ରାନନ୍ଦ ଦଣ୍ଡସେନାଙ୍କୁ 30.10.2013 ରେ ଗିରଫ କରାଗଲା, ତଥାପି ତାଙ୍କୁ ପୂର୍ବରୁ କାହିଁକି ଗିରଫ କରାଗଲାନାହିଁ ସେ ବିଷୟରେ କୌଣସି ବ୍ୟାଖ୍ୟା ଆସିନାହିଁ । ଇତିଶ୍ରୀ ପ୍ରଧାନଙ୍କ ମୃତ୍ୟୁ ଘଟାଇଥିବା ଅପରାଧରେ ସମ୍ପୃକ୍ତ ଦ୍ୱିତୀୟ ବ୍ୟକ୍ତି ଅର୍ଥାତ୍ ତାଙ୍କ ଉପରେ କିରୋସିନି ଢାଳିଥିବା ବ୍ୟକ୍ତି ଏପର୍ଯ୍ୟନ୍ତ ଫେରାର୍ ଅଛନ୍ତି ଏବଂ ତାଙ୍କ ପରିଚୟ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ । ବିଦ୍ୱାନ ଅଧିବକ୍ତାଙ୍କ ଅନୁଯାୟୀ, ଅଭିଯୁକ୍ତ ରାଜନୈତିକ ପୃଷ୍ଠପୋଷକତା ଅଧୀନରେ ଥିବାରୁ ଏସବୁ ହୋଇଛି; ସେ ସଂସଦର ଜଣେ ନିର୍ବାଚିତ ସଦସ୍ୟଙ୍କ ନିକଟତର । ଏହା ମଧ୍ୟ ଉପସ୍ଥାପିତ ହୋଇଛି ଯେ ବିଶାଖାପାଟଣାର ଡାକ୍ତରଖାନାରେ କରାଯାଇଥିବା ତାଙ୍କର ଅନ୍ତିମ ମୃତ୍ୟୁକାଳୀନ ଜମାନବନ୍ଦୀନାମାରେ, ଯାହା ଏକ ସ୍ଥାନୀୟ ଟିଭି ଚ୍ୟାନେଲ ଦ୍ୱାରା ରେକର୍ଡ କରାଯାଇଥିଲା ଏବଂ ତା 'ପରେ ତାକୁ ପ୍ରସାରଣ କରାଗଲା, ସେଥିରେ  ମୃତ ମହିଳା ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ମୃତ୍ୟୁ ଘଟାଇଥିବା ଘଟଣା ପାଇଁ ସମ୍ପୃକ୍ତ/ଦାୟୀ ବୋଲି ବିବୃତି ଦେଲେ । ଜାତୀୟ ମହିଳା ଆୟୋଗଙ୍କର ତଦନ୍ତ କମିଟିର ଲିଖିତ ବିବରଣୀରେ ଏହିପରି ସମସ୍ତ ତଥ୍ୟ କୁହାଯାଇଛି ଯାହା ମାମଲା ନଥିର ଏକ ଅଂଶ । ବିଦ୍ୱାନ ଅଧିବକ୍ତାଙ୍କ ଯୁକ୍ତି  ଅନୁଯାୟୀ, ବର୍ତ୍ତମାନର ମାମଲା  ଏକ ଉପଯୁକ୍ତ ମାମଲା ଯେଉଁଠାରେ ତଦନ୍ତକୁ କେନ୍ଦ୍ରୀୟ ଅନ୍ୱେଷଣ ସଂସ୍ଥାକୁ ସ୍ଥାନାନ୍ତର କରାଯିବା ଉଚିତ ଏବଂ ଏହି ନ୍ୟାୟାଳୟର ସଯତ୍ନ ତତ୍ତ୍ୱାବଧାନରେ ଆଗକୁ ବଢ଼ିବା ଉଚିତ ।

5 .  ଏହାର ଉତ୍ତରରେ ବିଦ୍ୱାନ ଅତିରିକ୍ତ ସଲିସିଟର୍ ଜେନେରାଲ ଶ୍ରୀ ଏଲ୍ ନାଗେଶ୍ୱର ରାଓ ଯିଏ ଓଡ଼ିଶା ରାଜ୍ୟ ପାଇଁ ଉପସ୍ଥିତ ଅଛନ୍ତି ଆରମ୍ଭରୁ ଉପସ୍ଥାପନା କରିଛନ୍ତି ଯେ ମୃତ ମହିଳା ତିନୋଟି ମୃତ୍ୟୁ କାଳୀନ ଜମାନବନ୍ଦୀ ଦେଇଥିଲେ । ପ୍ରଥମ ମୃତ୍ୟୁକାଳୀନ ଜମାନବନ୍ଦୀଟି  ଟିକିରିରେ ଥିବା ଜନସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା  ଅଧିକାରୀଙ୍କ ଦ୍ୱାରା 27.10.2013 ରେ ରାତ୍ର 10.45 ଘଟିକା ରେ ଲିପିବଦ୍ଧ କରାଗଲା, ଦ୍ୱିତୀୟଟି ରାୟଗଡ଼ାର ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାରେ 28.10.2013 ରେ ଦିନ 1.05 ଘଟିକାରେ ଲିପିବଦ୍ଧ କରାଗଲା ଏବଂ ତୃତୀୟଟି ରାୟଗଡ଼ାର ତହସିଲଦାରଙ୍କ ସମ୍ମୁଖରେ ସେହି ଦିନ ଲିପିବଦ୍ଧ କରାଗଲା । ଉପରୋକ୍ତ ତିନୋଟି ମୃତ୍ୟୁ କାଳୀନ ଜମାନବନ୍ଦୀ ସେହି

ପ୍ରସଙ୍ଗରେ, ଯଥା, ମୃତ ମହିଳାଙ୍କୁ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଜାଳି ଦିଆଗଲା ଯାହାକୁ ସେ ଚିହ୍ନି ନଥିଲେ ଏବଂ ଏପରି କରିବା ପୂର୍ବରୁ ସେହି ବ୍ୟକ୍ତି ତାଙ୍କୁ ଅଭିଯୁକ୍ତ ନେତ୍ରାନନ୍ଦ ଦଣ୍ଡସେନାଙ୍କ ବିରୋଧରେ ମାମଲା ପ୍ରତ୍ୟାହାର କରିବାକୁ କହିଥିଲେ, ଯାହାକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ ।ଏହା ଉପସ୍ଥାପିତ ହୁଏ ଯେ ଉପରୋକ୍ତ ମୃତ୍ୟୁକାଳୀନ ଜମାନବନ୍ଦୀ ଏହା ସ୍ପଷ୍ଟ କରେ ଯେ ଦୁଇ ଜଣ ବ୍ୟକ୍ତି ଅପରାଧରେ ଜଡିତ ଯଥା ନେତ୍ରାନନ୍ଦ ଦଣ୍ଡସେନା ଏବଂ ଅନ୍ୟ ଜଣେ ଅଜ୍ଞାତ ବ୍ୟକ୍ତି ଯିଏ ପ୍ରକୃତରେ ମୃତ ବ୍ୟକ୍ତିଙ୍କୁ ଜାଳି ଦେଇଥିଲେ । ବିଦ୍ୱାନ ଅଧିବକ୍ତା ଉପସ୍ଥାପନ କରିଛନ୍ତି ଯେ 22.02.2014ରେ ଭାରତୀୟ ଦଣ୍ଡ ସଂହିତା 449/450/302 120-B ଅନୁଯାୟୀ ନେତ୍ରାନନ୍ଦ ଦଣ୍ଡସେନାଙ୍କ ବିରୋଧରେ ଟିକିରି ଥାନା ମାମଲା ସଂଖ୍ୟା 92/2013ରେ ଆରୋପପତ୍ର ଦାଖଲ କରାଯାଇଛି ଏବଂ ମୃତ ମହିଳାଙ୍କୁ ଜାଳି ଦେଇଥିବା ଅଭିଯୋଗ ହୋଇଥିବା ଅନ୍ୟ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ତଦନ୍ତକୁ ଉନ୍ମୁକ୍ତ ରଖାଯାଇଛି । ବିଦ୍ୱାନ ଅଧିବକ୍ତା ଆହୁରି ଦର୍ଶାଇଛନ୍ତି ଯେ ମାମଲାର ତଥ୍ୟକୁ ଦୃଷ୍ଟିରେ ରଖି, ଘଟଣା ସହିତ ଜଡିତ ବ୍ୟକ୍ତିମାନଙ୍କୁ ତିନୋଟି ଗୋଷ୍ଠୀରେ ଶ୍ରେଣୀଭୁକ୍ତ କରାଯାଇପାରିବ-ପ୍ରଥମରେ ହେଉଛନ୍ତି ପ୍ରକୃତରେ ଅପରାଧରେ ଜଡିତ ବ୍ୟକ୍ତି; ଦ୍ୱିତୀୟରେ ଅଧିକାରୀ ଏବଂ ସଂସ୍ଥା ଯାହାଙ୍କ ନିକଟରେ ମୃତ ମହିଳାଙ୍କ ଦ୍ୱାରା ଅଭିଯୋଗ ଦାଖଲ କରାଯାଇଥିଲା ଏବଂ ତୃତୀୟରେ ହେଉଛନ୍ତି ବ୍ୟକ୍ତି (ମାନେ) ଯିଏ ( ଯେଉଁମାନେ ) ଅଭିଯୁକ୍ତଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିଥିଲେ । ଏହି ଅପରାଧରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସମ୍ବନ୍ଧରେ ବିଦ୍ୱାନ ଅଧିବକ୍ତାଙ୍କ କହିବା ଅନୁଯାୟୀ, ନେତ୍ରାନନ୍ଦ ଦଣ୍ଡସେନାଙ୍କ ବିରୋଧରେ ପୂର୍ବରୁ ଆରୋପପତ୍ର ଦାଖଲ ହୋଇସାରିଛି ଏବଂ ବର୍ତ୍ତମାନ ସେ ହାଜତରେ ଅଛନ୍ତି । ମୃତ ମହିଳାଙ୍କୁ ଜାଳି ଦେଇଥିବା ଅଣଚିହ୍ନଟ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ତଦନ୍ତକୁ ଉନ୍ମୁକ୍ତ ରଖାଯାଇଛି । ଏ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ତରର ଅଧିକାରୀ ଏବଂ କାର୍ଯ୍ୟକର୍ତ୍ତା, ଯେଉଁମାନଙ୍କୁ ବିଭିନ୍ନ ସମୟରେ ମୃତ ମହିଳାଙ୍କ ଦ୍ୱାରା ଯୋଗାଯୋଗ କରାଯାଇଥିଲା ଏବଂ ଯେଉଁମାନେ ଆରୋପିତ ଭାବରେ ଉପଯୁକ୍ତ ଏବଂ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ, ବିଦ୍ୱାନ ଅଧିବକ୍ତାଙ୍କ ଦ୍ୱାରା ଏହା ଉପସ୍ଥାପନ କରାଯାଇଛି ଯେ ମାମଲାର ଉକ୍ତ ଦିଗଟି ପ୍ରକୃତ ଅପରାଧ ଘଟାଇବା ସହିତ ଜଡିତ ନୁହେଁ, ତେଣୁ କୌଣସି ପରିସ୍ଥିତିରେ, ଏହିଭଳି ଏକ ମାମଲା କେନ୍ଦ୍ରୀୟ ଅନ୍ୱେଷଣ ସଂସ୍ଥାକୁ ହସ୍ତାନ୍ତର ହୋଇପାରିବ ନାହିଁ । ସର୍ବୋପରି, ଉପରୋକ୍ତ ମାମଲା ପ୍ରଶାସନିକ ତଦନ୍ତ ଏବଂ ଫଳସ୍ୱରୂପ ସେହି ଆଧାରରେ କାର୍ଯ୍ୟାନୁଷ୍ଠାନର ବିଷୟ ହୋଇପାରେ । ରାଜନୈତିକ କିମ୍ବା ଅନ୍ୟ ପ୍ରଭାବଶାଳୀ ବ୍ୟକ୍ତିମାନେ ଅପରାଧୀ (ମାନଙ୍କୁ) ଙ୍କୁ ପ୍ରଶ୍ରୟ ଏବଂ ସୁରକ୍ଷା ଦେବା ପ୍ରସଙ୍ଗରେ, ଶ୍ରୀ ରାଓ, କାରାପୁଟ ନିର୍ବାଚନମଣ୍ଡଳୀର ଜଣେ ସାଂସଦ ଶ୍ରୀ ଜୟରାମ ପାଙ୍ଗିଙ୍କ ଦ୍ୱାରା 'ଅଭିଯୁକ୍ତଙ୍କ ବିରୋଧରେ ମାମଲା

ପ୍ରତ୍ୟାହାର କରିବାକୁ ମୃତ ମହିଳାଙ୍କୁ କରାଯାଇଥିବା ଦୂରଭାଷ ଦ୍ୱାରା ଯୋଗାଯୋଗ ଅଭିଯୋଗ ସମ୍ବନ୍ଧରେ ଅନୁସନ୍ଧାନର ବିବରଣୀ ପ୍ରତି ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ହାଇଦ୍ରାବାଦର କେନ୍ଦ୍ରୀୟ ଅପରାଧିକ ବିଜ୍ଞାନ ପରୀକ୍ଷାଗାର ର ଲିଖିତ ବିବରଣୀ ପ୍ରତି ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି, ଯେଉଁଠାକୁ ମୃତ ମହିଳାଙ୍କ ଜବତ ମୋବାଇଲକୁ ସିମ୍ କାର୍ଡ (ଗୁଡ଼ିକ) ସହିତ ପଠାଯାଇଥିଲା । ଆରୋପପତ୍ରରେ ଉଲ୍ଲେଖ କରାଯାଇଥିବା ଲିଖିତ ବିବରଣୀ ନାସ୍ତିସୂଚକ ଅଟେ । ମୁଖ୍ୟମନ୍ତ୍ରୀଙ୍କ ଆରୋପିତ ସମ୍ପୃକ୍ତିକୁ ନେଇ ଶ୍ରୀ ରାଓ ତଦନ୍ତରୁ ମିଳିଥିବା ତଥ୍ୟ ପ୍ରତି ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି, ଯାହାକୁ ଲିପିବଦ୍ଧ କରାଯାଇଛି, ଯେଉଁଥିରେ ଦର୍ଶାଯାଇଛି ଯେ ଡାକ୍ତରଖାନାରେ ମୃତ ମହିଳାଙ୍କ ବିବୃତିର ଭିଡିଓ ରେକର୍ଡିଂ ଏବଂ 05.11.2013 ରେ ପ୍ରସାରିତ ହୋଇଥିବା ବିବୃତି ଓଡ଼ିଆ ଥିବାରୁ ଉକ୍ତ ବିବୃତିର ସଠିକ୍ ଲିଖିତ ପ୍ରତିଲିପି ପାଇଁ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରଫେସର ଏବଂ ଭୁବନେଶ୍ୱରର ରାଜ୍ୟ ଅପରାଧିକ ବିଜ୍ଞାନ ପରୀକ୍ଷାଗାରକୁ ମଧ୍ୟ ପଠାଗଲା । ଉପଯୁକ୍ତ ଯାଞ୍ଚ ଏବଂ ବିଶ୍ଳେଷଣ ପରେ, ଏହା ଦେଖିବାକୁ ମିଳିଲା ଯେ ମୃତ ମହିଳା ତାଙ୍କ ବିବୃତିରେ କହିଥିଲେ ଯେ ଅନ୍ୟମାନଙ୍କ ମଧ୍ୟରେ 'ଏସ୍. ଆଇ. ୱାଇ. ଇ.' (ଓଡ଼ିଆରେ 'ସେ' ଅର୍ଥ) ଏହି ଘଟଣା ପାଇଁ ଦାୟୀ । ଏହା କୁହାଯାଇଛି ଯେ ଉକ୍ତ ଅଭିବ୍ୟକ୍ତିଟି ସି. ଏମ୍. ଅର୍ଥାତ୍ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ସୂଚାଉଛି ବୋଲି ବୁଝାପଡୁଛି । ଶ୍ରୀ ରାଓ ଆହୁରି ମଧ୍ୟ ଉପସ୍ଥାପନା କରିଛନ୍ତି ଯେ ଏହି ଘଟଣା ସହିତ ମୁଖ୍ୟମନ୍ତ୍ରୀଙ୍କୁ କିଞ୍ଚିତ୍ ସମ୍ପୃକ୍ତ କରିବା ପାଇଁ କୌଣସି ତଥ୍ୟ ନାହିଁ, କେବଳ ଏହି ତଥ୍ୟ ବ୍ୟତୀତ ଯେ ମୃତ ମହିଳା 05.08.2013 ରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଲିଖିତ ଉପସ୍ଥାପନା ଦାଖଲ କରିଥିଲେ । ଶ୍ରୀ ରାଓ ଯୁକ୍ତି କରିଛନ୍ତି ଯେ ଏହି ମାମଲାରେ ଆରୋପ ପତ୍ର ଦାୟାର ହୋଇସାରିଛି ଏବଂ ମାମଲାଟି ନ୍ୟାୟାଳୟଙ୍କ ସମ୍ମୁଖରେ ଅଛି ଏବଂ ଏହା ବ୍ୟତୀତ ଅନ୍ୟ ଅପରାଧୀଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଧାରା 173 (8) ଅପରାଧିକ ପ୍ରକ୍ରିୟା ସଂହିତା ଅନୁଯାୟୀ ତଦନ୍ତ ଉନ୍ମୁକ୍ତ ରଖାଯାଇଛି, ତେଣୁ ଏହି ମାମଲାକୁ କେନ୍ଦ୍ରୀୟ ଅନ୍ୱେଷଣ ସଂସ୍ଥାକୁ ହସ୍ତାନ୍ତର କରିବାର କୌଣସି କାରଣ ନାହିଁ ଯାହା ପ୍ରକୃତରେ ତଦନ୍ତକୁ ପୁନର୍ବାର ଚାଲୁ କରିବା ସହିତ ସମାନ ହେବ । ଏହି ପରିପ୍ରେକ୍ଷୀରେ ଶ୍ରୀ ରାଓ *ଦିଶା ବନାମ ଗୁଜରାଟ ରାଜ୍ୟ ଏବଂ ଅନ୍ୟାମାନେ* [1] ମାମଲାରେ ଏହି ନ୍ୟାୟାଳୟଙ୍କର ରାୟ ଉପରେ ନିର୍ଭର କରିଛନ୍ତି ।

6. ଉପରୋକ୍ତ ତଥ୍ୟର ସାରାଂଶରୁ ଇତିଶ୍ରୀ ପ୍ରଧାନଙ୍କ ମୃତ୍ୟୁ ଏବଂ ଏହାର ଆଖପାଖରେ ଘଟିଥିବା ନିମ୍ନଲିଖିତ ଘଟଣାଗୁଡ଼ିକ ଉପରେ ଟିପ୍ପଣୀ ଦେବା ଗୁରୁତ୍ୱପୂର୍ଣ୍ଣ ହେବ ।

[1] ( 2011 ) 13 SCC 337

(i) ମୃତ ମହିଳା, ତାଙ୍କ ମୃତ୍ୟୁ ପୂର୍ବରୁ ଅଭିଯୁକ୍ତଙ୍କ ବେଆଇନ ବ୍ୟବହାର ବିଭିନ୍ନ ଘଟଣା ଏବଂ ଅଭିଯୁକ୍ତଙ୍କ ଦ୍ୱାରା କ୍ଷତି ହେବାର ଆଶଙ୍କା ପ୍ରକାଶ କରି ବିଭିନ୍ନ କର୍ତ୍ତୃପକ୍ଷଙ୍କ ନିକଟରେ ଅନେକ ଅଭିଯୋଗ କରିଥିଲେ ।

(ii) ଅଭିଯୁକ୍ତ ନେତ୍ରାନନ୍ଦ ଦଣ୍ଡସେନା ଏବଂ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଏଭଳି ଅଭିଯୋଗ ଆଧାରରେ ଟିକିରି ଥାନା ମାମଲା ସଂଖ୍ୟା 60, 62 ଏବଂ 70 ପଞ୍ଜୀକୃତ ହୋଇଥିଲା ଏବଂ ଉକ୍ତ ମାମଲାରେ ଆରୋପ ପତ୍ର ଦାଖଲ କରାଯାଇଛି ।

(iii) ଅଭିଯୁକ୍ତ ଜଣକ ତଥାପି ଫେରାର୍ ରହିଥିଲେ; ମୃତ ମହିଳାଙ୍କୁ କୌଣସି ସୁରକ୍ଷା ପ୍ରଦାନ କରାଗଲା ନାହିଁ; କିମ୍ବା ତାଙ୍କୁ ଟିକିରିରୁ ଅନ୍ୟତ୍ର ସ୍ଥାନାନ୍ତର କରାଗଲା ନାହିଁ ।

(iv) ମୃତ ମହିଳାଙ୍କୁ 27.10.2013 ରେ ଜାଳି ଦିଆଗଲା । ତାଙ୍କର ତିନୋଟି ମୃତ୍ୟୁ କାଳୀନ ଜମାନବନ୍ଦୀ, ଅଭିଯୁକ୍ତ ନେତ୍ରାନନ୍ଦ ଦଣ୍ଡସେନା ଏବଂ ଜଣେ ଅଜ୍ଞାତ ବ୍ୟକ୍ତିଙ୍କୁ ତାଙ୍କ ମୃତ୍ୟୁର କାରଣ ହୋଇଥିବା ଅପରାଧୀ ଭାବରେ ସୂଚିତ କରେ ।

(v) ଉକ୍ତ ଘଟଣା ସମ୍ବନ୍ଧରେ ଟିକିରି ଥାନା ମାମଲା ସଂଖ୍ୟା 92 ପଞ୍ଜୀକୃତ ହୋଇଛି । ଅଭିଯୁକ୍ତ ନେତ୍ରାନନ୍ଦ ଦଣ୍ଡସେନାଙ୍କୁ 30.10.2013 ରେ ଗିରଫ କରାଯାଇଛି । ନେତ୍ରାନନ୍ଦ ଦାଣ୍ଡେସେନାଙ୍କ ବିରୋଧରେ 22.2.2014 ରେ ଆରୋପ ପତ୍ର ଦାଖଲ କରାଯାଇଛି ଏବଂ ଅନ୍ୟ ଅଜ୍ଞାତ ଅଭିଯୁକ୍ତଙ୍କ ବିରୋଧରେ ଅପରାଧିକ ପ୍ରକ୍ରିୟା ସଂହିତା ଧାରା 173 (8) ଅନୁଯାୟୀ ତଦନ୍ତ ଉନ୍ମୁକ୍ତ ରଖାଯାଇଛି ।

(vi) ଓଡ଼ିଶା ସରକାରଙ୍କ ଗୃହ ବିଭାଗ ର ତାରିଖ 05.11.2013 ର ଆଦେଶ ଅନୁଯାୟୀ ଦୁଇ ଜଣ ଆରକ୍ଷୀ ଅଧିକାରୀ ଯଥା ଟିକିରି ଥାନାର ଭାରପ୍ରାପ୍ତ ଅଧିକାରୀ ସୁଜିତ୍ କୁମାର ସାୟ ଏବଂ ସହ ଉପ ନିରୀକ୍ଷକ ମୁରଲୀଧର ପ୍ରଧାନଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି ।

(vii) ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଏବଂ ଗଣ ଶିକ୍ଷା ବିଭାଗର ତାରିଖ 05.11.2013ର ଆଦେଶ ଅନୁଯାୟୀ ଶିକ୍ଷା ବିଭାଗର ଦୁଇ ଜଣ ଅଧିକାରୀ ଯଥା ରାୟଗଡାର ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ କାଶୀପୁରର ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧରଣୀଧର ବେହେରାଙ୍କୁ ଚାକିରିରୁ ବହିଷ୍କାର କରାଗଲା ।

(viii) ତାରିଖ 1.12.2012ରେ ବିଭାଗୀୟ ପଦୋନ୍ନତି କମିଟିଙ୍କର ସୁପାରିଶ କ୍ରମେ ତାରିଖ 15.10.2013 ର ଏକ ଆଦେଶ ଅନୁଯାୟୀ ଅଭିଯୁକ୍ତ ନେତ୍ରାନନ୍ଦ ଦଣ୍ଡସେନାଙ୍କ ସହିତ ଆଉ 23 ଜଣ ଅନ୍ୟ ଅଧିକାରୀଙ୍କୁ ପଦୋନ୍ନତି ଦିଆଗଲା । ସେବେଠାରୁ ତାଙ୍କୁ ତାରିଖ 05.11.2013ର ଏକ ଆଦେଶ ଦ୍ୱାରା ଚାକିରିରୁ ବହିଷ୍କାର କରାଯାଇଛି ।

(ix) ନେତ୍ରାନନ୍ଦ ଦଣ୍ଡସେନାଙ୍କ ବିରୋଧରେ ମୃତ ମହିଳାଙ୍କ ଦ୍ୱାରା ଦାୟାର ହୋଇଥିବା ମାମଲାକୁ ପ୍ରତ୍ୟାହାର କରିବାକୁ କୋରାପୁଟ ନିର୍ବାଚନମଣ୍ଡଳୀର ସାଂସଦ ଶ୍ରୀ ଜୟରାମ ପାଙ୍ଗି, ମୃତ ମହିଳାଙ୍କୁ କୌଣସି ଦୂରଭାଷ ଦ୍ୱାରା ଯୋଗାଯୋଗ କରିଥିବା ଦର୍ଶାଇବା ପାଇଁ ମାମଲାର ତଦନ୍ତରେ କୌଣସି ସାମଗ୍ରୀ ଉଦ୍ଧାର କରାଯାଇ ନାହିଁ ।

(x) ମାମଲାର ତଦନ୍ତ ସମୟରେ କୌଣସି ଆପତ୍ତିଜନକ ସାମଗ୍ରୀ ମିଳିନାହିଁ କିମ୍ବା ଘଟିଥିବା ଘଟଣା ସହିତ ରାଜନୈତିକ କିମ୍ବା ଅମଲାତାନ୍ତ୍ରିକ କ୍ଷମତା ଏବଂ ପ୍ରଭାବ ପ୍ରୟୋଗ କରୁଥିବା ଅନ୍ୟ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ଦର୍ଶାଇବା ପାଇଁ ଆମ ସମ୍ମୁଖରେ କୌଣସି ତଥ୍ୟ ରଖାଯାଇ ନାହିଁ ।

(xi) ମୃତ ମହିଳାଙ୍କ ପିତାମାତାଙ୍କୁ 10 ଲକ୍ଷ ଟଙ୍କାର ଅନୁକମ୍ପା ମୂଳକ ରାଶି ପ୍ରଦାନ କରାଯାଇଛି, ଯାହାକୁ ସେମାନଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଗ୍ରହଣ କରାଯାଇଛି ।

7. ଆମ ବିଚାର ପାଇଁ ଦୁଇଟି ପ୍ରସଙ୍ଗ ଉଠେ । ପ୍ରଥମ-ଅଭିଯୁକ୍ତ ନେତ୍ରାନନ୍ଦ ଦଣ୍ଡସେନାଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତାର ଧାରା 302/120 B ଅନୁଯାୟୀ ଆରୋପ ପତ୍ର ଦାଖଲ ଏବଂ ଅପରାଧିକ ପ୍ରକ୍ରିୟା ସଂହିତାର ଧାରା 173 (8) ଅନୁଯାୟୀ ତଦନ୍ତକୁ ଉନ୍ମୁକ୍ତ ରଖିବା ପରେ, ଏହି ମାମଲାର ଅଧିକ ତଦନ୍ତ କେନ୍ଦ୍ରୀୟ ଅନ୍ୱେଷଣ ସଂସ୍ଥାକୁ ହସ୍ତାନ୍ତର କରିବାର କୌଣସି ଯଥାର୍ଥତା ଅଛି କି? ଉପରୋକ୍ତ ବିଷୟଗୁଡ଼ିକ ଯାହା ହେଉନା କାହିଁକି, ଦ୍ୱିତୀୟ ପ୍ରସଙ୍ଗ ଯାହା ଉପରେ ବିଚାର କରିବାର ଆବଶ୍ୟକତା ରହିଛି, ତାହା ହେଉଛି ରାଜ୍ୟର କୌଣସି ଅଧିକାରୀ କିମ୍ବା କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ସମାପନ ପାଇଁ କୌଣସି ନିର୍ଦ୍ଦେଶର ଆବଶ୍ୟକତା ରହିଛି କି ?

8. ସ୍ଥାନୀୟ/ରାଜ୍ୟ ଅନ୍ୱେଷଣ ସଂସ୍ଥା ଦ୍ୱାରା ଆରୋପ ପତ୍ର ଦାଖଲ କରାଯାଇଥିବା ଏକ ଅପରାଧିକ ମାମଲାର ଅଧିକ ତଦନ୍ତ ପାଇଁ କେନ୍ଦ୍ରୀୟ ଅନ୍ୱେଷଣ ସଂସ୍ଥାକୁ ପଠାଯାଇପାରିବ/ପଠାଯିବା ଉଚିତ କି, ଏହି ପ୍ରଶ୍ନ ଉପରେ ନ୍ୟାୟିକ ମତ ପ୍ରାୟ ସର୍ବସମ୍ମତିକ୍ରମେ ରହିଛି । *ଗୁଡାଲ୍ୟୋର୍ ଏମ୍.*

*ଜେ. ସେରିଆନ୍ ବନାମ ଭାରତ ସଂଘ* [2] ଏବଂ *ପଞ୍ଜାବ ଓ ହରିୟାଣା ଉଚ୍ଚ ନ୍ୟାୟାଳୟ ଓକିଲ ସଂଘ ବନାମ ପଞ୍ଜାବ ରାଜ୍ୟ ମାମଲାରେ* [3] ଏହା କୁହାଗଲା ଯେ ଆରୋପ ପତ୍ର ଦାଖଲ ହେବା ପରେ କେନ୍ଦ୍ରୀୟ ଅନ୍ୱେଷଣ ସଂସ୍ଥା ଦ୍ୱାରା ଅଧିକ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାର କ୍ଷମତା ସାଧାରଣତଃ ସାମ୍ବିଧାନିକ ନ୍ୟାୟାଳୟ ଦ୍ୱାରା ଅବଲମ୍ବନ କରାଯିବା ଉଚିତ ନୁହେଁ ଯେ ପର୍ଯ୍ୟନ୍ତ ଅସାଧାରଣ ପରିସ୍ଥିତି ଯେଭଳି ତଦନ୍ତର ନିରପେକ୍ଷତା ଉପରେ ସନ୍ଦେହ ଉପୁଜିଛି କିମ୍ବା ସେଠାରେ ଏପରି କରିବା ନିମିତ୍ତ ବହୁ ଜନ ସ୍ୱାର୍ଥ ପାଇଁ ପ୍ରତିଷ୍ଠିତ ବାଧ୍ୟତାମୂଳକ କାରଣ ଅଛି । *ବିନୀତ ନାରେନ୍ ବନାମ ଭାରତ ସଂଘ* [4], *ଭାରତ ସଂଘ ବନାମ ସୁଶୀଲ କୁମାର ମୋଦୀ* [5] ଏବଂ *ରାଜୀବ ରଞ୍ଜନ ସିଂହ 'ଲଲନ' (8) ବନାମ ଭାରତ ସଂଘ* [6] , ଏପରି ମାମଲା ଗୁଡିକର ରାୟ ଏହି ସମାନ ଆଧାରାରେ ନିଷ୍ପତି ନୁହେଁ କାରଣ ଉକ୍ତ ମାମଲାଗୁଡ଼ିକର ପ୍ରସଙ୍ଗ କେନ୍ଦ୍ରୀୟ ଅନ୍ୱେଷଣ ସଂସ୍ଥା ଦ୍ୱାରା ଆରୋପ ପତ୍ର ଦାଖଲ କରାଯିବା ପରେ ଏକ ମାମଲାର ଅଧିକ ତଦନ୍ତ ନିର୍ଦ୍ଦେଶ ଦେବା ନିମିତ୍ତ ପର୍ଯ୍ୟବେକ୍ଷକ ନ୍ୟାୟାଳୟଙ୍କ ଦ୍ୱାରା କ୍ଷେତ୍ରାଧିକାର ପ୍ରୟୋଗ ସମ୍ବନ୍ଧରେ ଥିଲା । *ରୁବାବୁଦ୍ଦିନ୍ ଶେଖ୍ ବନାମ ଗୁଜରାଟ ରାଜ୍ୟ* [7], ପ୍ରକୃତରେ, *ଗୁଡାଲେ୍ୟାର୍ ଏମ୍. ଜେ. ସେରିଆନ୍ ଏବଂ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ଓକିଲ ସଂଘ* (ଉପରୋକ୍ତ) ରେ ନିର୍ଦ୍ଧାରିତ ଆଇନକୁ ଆଗକୁ ବଢ଼ାଇଥାଏ, ଯାହା ଲିଖିତ ବିବରଣୀର ଅନୁଚ୍ଛେଦ 60 ରେ ପ୍ରତିଫଳିତ ହୁଏ ଯାହା ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ରହିଛି :

***"…….ତେଣୁ ଏଠାରେ ଆମେ ବିନା ଦ୍ୱିଧାରେ ଏହି ସିଦ୍ଧାନ୍ତରେ ଉପନୀତ ହେଉ ଯେ ଏକ ଉପଯୁକ୍ତ ମାମଲାରେ ଯେତେବେଳେ ନ୍ୟାୟାଳୟ ଅନୁଭବ କରନ୍ତି ଯେ ପୁଲିସ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦନ୍ତ ସଠିକ ଦିଗରେ ଆଗକୁ ଯାଏ ନାହିଁ ଏବଂ ସେହି ମାମଲାକୁ ନ୍ୟାୟ ଦେବା ନିମିତ୍ତ ଏବଂ ଯେଉଁସ୍ଥଳରେ ସେହି ମାମଲାରେ ଥିବା ଅପରାଧରେ ଉଚ୍ଚ ପୋଲିସ ପଦାଧିକାରୀମାନେ ସଂଶ୍ଳିଷ୍ଟ ଅଛନ୍ତି ସେତେବେଳେ ନ୍ୟାୟାଳୟଙ୍କ କେନ୍ଦ୍ରୀୟ ଅନ୍ୱେଷଣ ସଂସ୍ଥା ଭଳି ସ୍ୱୟଂକ୍ରିୟ ସଂସ୍ଥାକୁ ମାମଲାକୁ ହସ୍ତାନ୍ତର କରିବା ନିମିତ୍ତ ଦ୍ୱାର ଖୋଲା ରହିବ । ଏହା କୁହାଯାଇପାରିବ ନାହିଁ ଯେ ଆରୋପ ପତ୍ର ଦାଖଲ ହୋଇସାରିଥିଲେ , ଏକ ଉପଯୁକ୍ତ ମାମଲାରେ ନ୍ୟାୟାଳୟ କେନ୍ଦ୍ରୀୟ***

---

[2] (1922) 1 SCC 397
[3] (1994) 1 SCC 616
[4] (1996) 2 SCC 199
[5] (1998) 8 SCC 661
[6] (2006) 6 SCC 613
[7] (2010) 2 SCC 200

*ଅନ୍ୱେଷଣ ସଂସ୍ଥା ଭଳି ସ୍ୱୟଂକ୍ରିୟ ସଂସ୍ଥାକୁ ସେହି ମାମଲାକୁ ହସ୍ତାନ୍ତର କରିବା ନିମିତ୍ତ କ୍ଷମତାଭୁକ୍ତ ନୁହନ୍ତି । "*

ଏହି ସ୍ଥିତିକୁ ସଂକ୍ଷିପ୍ତ ଭାବେ ***ଦିଶାଙ୍କ*** (ଉପରୋକ୍ତ) ମାମଲାରେ ବ୍ୟାଖ୍ୟା କରାଯାଇଛି ଯେଉଁଥିରେ ଆମ୍ଭମାନଙ୍କ ମଧ୍ୟରୁ ଜଣେ (ବିଦ୍ୱାନ ମୁଖ୍ୟ ନ୍ୟାୟାଧୀଶ) ଏକ ପକ୍ଷ ହୋଇଥିଲେ , ଯେଉଁଥିରେ କୁହାଗଲା ଯେ ଆରୋପ ପତ୍ର ଦାଖଲ ହୋଇସାରିଥିବା ସତ୍ତ୍ୱେ ,କେନ୍ଦ୍ରୀୟ ଅନ୍ୱେଷଣ ସଂସ୍ଥା କିମ୍ବା ଅନ୍ୟ କୌଣସି ସ୍ୱତନ୍ତ୍ର ସଂସ୍ଥା କୁ ତଦନ୍ତ ହସ୍ତାନ୍ତର କରିବା ସେହି ସମୟରେ ନ୍ୟାୟସଙ୍ଗତ ବୋଲି ବିବେଚନା କରାଯିବ ଯେତେବେଳେ ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ ଅଭିଯୁକ୍ତ କ୍ଷମତାଶାଳୀ ଓ ପ୍ରଭାବଶାଳୀ ହେବା ହେତୁ ତଦନ୍ତ ଉପଯୁକ୍ତ ଦିଗରେ ଆଗକୁ ବଢି ନାହିଁ କିମ୍ବା ସେଥିରେ ପକ୍ଷପାତ କରାଯାଇଛି । ଏକ ସକ୍ଷମ ନ୍ୟାୟାଳୟରେ ଆରୋପ ପତ୍ର  ଦାଖଲ ହେବା ପରେ ଏକ ଅପରାଧିକ ମାମଲାର ଅଧିକ ତଦନ୍ତ  ଅପରାଧିକ କାର୍ଯ୍ୟବିଧି ସଂହିତାର ଧାରା 173 (8) ଅନୁଯାୟୀ ଉକ୍ତ ନ୍ୟାୟାଳୟଙ୍କର କ୍ଷେତ୍ରାଧିକାରକୁ ପ୍ରଭାବିତ କରିପାରେ । ତେଣୁ ଏହା ଜରୁରୀ ଯେ ଉକ୍ତ କ୍ଷମତା, ଯାହା ସର୍ବଦା ଏକ ସାମ୍ବିଧାନିକ ନ୍ୟାୟାଳୟରେ ନିହିତ ରହିବ, ତାହା କେବଳ ଉପଯୁକ୍ତ ପରିସ୍ଥିତିରେ ପ୍ରୟୋଗ କରାଯିବା ଉଚିତ, ଯାହାକୁ ବହୁ ଜନ ସ୍ୱାର୍ଥ ମାନଦଣ୍ଡ ଏବଂ ଆଇନର ନିୟମ ବଜାୟ ରଖିବାର ଆବଶ୍ୟକତା ଉପରେ ବିଚାର କରାଯିବା ଉଚିତ ।

10. ବର୍ତ୍ତମାନର ବିଚାର ସମ୍ବନ୍ଧୀୟ ଘଟଣାଗୁଡ଼ିକୁ ସୁବିଧା ଦୃଷ୍ଟିରୁ  ଦୁଇଟି ବିଭାଗରେ ବିଭକ୍ତ କରାଯାଇପାରେ-ଗୋଟିଏ ଇତିଶ୍ରୀ ପ୍ରଧାନଙ୍କ ମୃତ୍ୟୁ ପୂର୍ବରୁ ଏବଂ ଦ୍ୱିତୀୟଟି ମୃତ୍ୟୁ ପରବର୍ତ୍ତୀ ସମୟରେ । ଏହି ପରିପ୍ରେକ୍ଷୀରେ ଆମେ କହିବାକୁ ଚାହୁଁ ଯେ ସମସ୍ତ ମଣିଷର ଦୁଃଖଦ ଘଟଣାକୁ , ଯାହା ମନୁଷ୍ୟକୃତ ହେଉ କିମ୍ବା ପ୍ରାକୃତିକ, ତାକୁ ଏଡାଇ ଦିଆଯାଇପାରିବ ବୋଲି ମନେହୁଏ । ଯଦି ଆତ୍ମ ପ୍ରତାରଣା ନୁହେଁ, ପୂର୍ବ ନିର୍ଦ୍ଧାରିତ ପରି ଏପରି ଘଟଣାକୁ ବୁଝିବା ହେଉଛି ଆତ୍ମ-ପରାଜୟର ଏକ ମନୋଭାବ ଏବଂ ତେଣୁ ଏହାକୁ ଏଡ଼ାଇ ଦିଆଯିବା  ଆବଶ୍ୟକ । ଏଥି ସହିତ ବିପର୍ଯ୍ୟୟକୁ ସଫଳତାର ସହ ଏଡ଼ାଇଦେବାରେ ମାନବ ଦୋଷର ଦଣ୍ଡଯୋଗ୍ୟର ସଠିକ୍ ଯତ୍ନ , ସତର୍କତା ଏବଂ ଯୁକ୍ତିଯୁକ୍ତ ଦୂରଦୃଷ୍ଟି ପ୍ରୟୋଗର ପରୀକ୍ଷା ଦ୍ୱାରା କରାଯିବା ଆବଶ୍ୟକ । ଆମ ମତରେ, ଏହି ମାମଲାର ପରିପାର୍ଶ୍ୱରେ ଘଟୁଥିବା ଘଟଣାଗୁଡ଼ିକୁ ଏହିପରି ବିଚାର କରିବାକୁ ପଡ଼ିବ ।

11. ଯେ ପର୍ଯ୍ୟନ୍ତ ଇତିଶ୍ରୀ ପ୍ରଧାନଙ୍କ ମୃତ୍ୟୁ ପରବର୍ତ୍ତୀ ତଥ୍ୟ ଏବଂ ପରିସ୍ଥିତି ଜଡ଼ିତ, ଦାଖଲ ହୋଇଥିବା ଆରୋପପତ୍ର  ଏବଂ ଦୋଷୀ  ଅଧିକାରୀମାନଙ୍କ  ବିରୋଧରେ ନିଆଯାଇଥିବା ବିଭାଗୀୟ କାର୍ଯ୍ୟାନୁଷ୍ଠାନକୁ ଦୃଷ୍ଟିରେ ରଖି, ଏହି ପର୍ଯ୍ୟାୟରେ ଆମେ ଏହି ପ୍ରସଙ୍ଗରେ ଆଉ କୌଣସି

ନିର୍ଦ୍ଦେଶର ଆବଶ୍ୟକତା ଅନୁଭବ କରୁନାହୁଁ । ତେଣୁ, ଆମେ ଏହି ମତକୁ ଢଳିବାକୁ ଆଗ୍ରହୀ ଯେ ରାଜ୍ୟ ଅନ୍ୱେଷ୍ୱଣ ସଂସ୍ଥା ଦ୍ୱାରା ଆରୋପ ପତ୍ର ଦାଖଲ କରିବା ପରେ, ଅଧିକ ତଦନ୍ତ ପାଇଁ କେନ୍ଦ୍ରୀୟ ଅନ୍ୱେଷଣ ସଂସ୍ଥାକୁ ଏକ ମାମଲା ପଠାଇବା ପାଇଁ ଏହି ନ୍ୟାୟାଳୟଙ୍କର କ୍ଷମତା, ବର୍ତ୍ତମାନର ମାମଲାରେ ପ୍ରୟୋଗ କରାଯିବା ଉଚିତ ନୁହେଁ । ଏହା ପରିବର୍ତ୍ତେ, ଅଭିଯୁକ୍ତ ନେତ୍ରାନନ୍ଦ ଦଣ୍ଡସେନାଙ୍କ ବିରୋଧରେ ବର୍ତ୍ତମାନ ଆଇନ ଦ୍ୱାରା ଆଦେଶମୂଳକ କାର୍ଯ୍ୟାନୁଷ୍ଠାନ ଯଥାଶୀଘ୍ର ଏହାର ଯୁକ୍ତିଯୁକ୍ତ ସିଦ୍ଧାନ୍ତରେ ପହଞ୍ଚିବାକୁ ଅନୁମତି ଦିଆଯିବା ଉଚିତ । ଏଥି ସହିତ ଅଜ୍ଞାତ ଅଭିଯୁକ୍ତଙ୍କ ବିରୋଧରେ ଚାଲୁ ରହିଥିବା ତଦନ୍ତ ବିନା ବିଳମ୍ବରେ ଶେଷ ହେବା ଉଚିତ । ଆମେ ସେହି ଅନୁଯାୟୀ ନିର୍ଦ୍ଦେଶ ଦେଉ ଏବଂ ଏ ସଂକ୍ରାନ୍ତରେ ଦାୟିତ୍ୱ ରାୟଗଡ଼ାର ଆରକ୍ଷୀ ଅଧୀକ୍ଷକଙ୍କ ଉପରେ ନ୍ୟସ୍ତ କରୁ । ତେଣୁ ଆମେ ଏହାକୁ ସ୍ପଷ୍ଟ କରୁ ଯେ ଅଭିଯୁକ୍ତ ନେତ୍ରାନନ୍ଦ ଦଣ୍ଡସେନାଙ୍କ ବିଚାରକୁ ସେହି ଆଧାରରେ କିମ୍ବା ଅନ୍ୟ କୌଣସି ଆଧାରରେ ସ୍ଥଗିତ ରଖାଯିବ ନାହିଁ ଏବଂ ଏହି ତଦନ୍ତ ଅବିଳମ୍ବେ ଆଗକୁ ବଢିବା ଉଚିତ ଓ ଏହା ଯଥାଶୀଘ୍ର ସମ୍ଭବ ସମୟ ମଧ୍ୟରେ ସମାପ୍ତ ହେବା ନିତାନ୍ତ ଆବଶ୍ୟକ ।

12. ତେବେ ମୃତ୍ୟୁ ଘଟଣା ପୂର୍ବରୁ ଘଟିଥିବା ଘଟଣାଗୁଡ଼ିକ ଟିକେ ଭିନ୍ନ ସ୍ଥିତିରେ ରହିଛି । ପ୍ରଥମ ଦୃଷ୍ଟିଗତରେ ଏହା କିଛି ମାତ୍ରାରେ ଅବହେଳା ଏବଂ ଉଦାସୀନତାକୁ ପ୍ରକାଶ କରେ । ତେଣୁ, ରାଜ୍ୟର କେତେକ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଲକ୍ଷ୍ୟ କରି ମଧ୍ୟ, ଆମର ମତ ହେଉଛି ଯେ ଅଭିଯୁକ୍ତ ନେତ୍ରାନନ୍ଦ ଦଣ୍ଡସେନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କିମ୍ବା ମୃତ ମହିଳାଙ୍କୁ ସୁରକ୍ଷା ପ୍ରଦାନ କରିବା କିମ୍ବା ରାୟଗଡ଼ା ଜିଲ୍ଲାର ଟିକିରିରୁ ମୃତ ମହିଳାଙ୍କୁ ସ୍ଥାନାନ୍ତର କରିବା ପ୍ରସଙ୍ଗରେ ମୃତ ମହିଳାଙ୍କ ଦ୍ୱାରା ଉଠାଯାଇଥିବା ଆରୋପ, ଅଭିଯୋଗ ଏବଂ ଦାବି ପ୍ରତି ଧ୍ୟାନ ନଦେବା ପାଇଁ ଅନ୍ୟ କୌଣସି ଅଧିକାରୀ କିମ୍ବା କର୍ତ୍ତୃପକ୍ଷ, କୌଣସି ସ୍ତରରେ, ଦାୟୀ କି ନାହିଁ ତାହା ଜାଣିବା ପାଇଁ ରାଜ୍ୟ ଏକ ବିସ୍ତୃତ ପ୍ରଶାସନିକ ତଦନ୍ତ କରିବା ଉଚିତ । ଏଭଳି ତଦନ୍ତରେ ମିଳିଥିବା ଫଳାଫଳ ଏବଂ ସିଦ୍ଧାନ୍ତ ଆଧାରରେ, ଆମେ ରାଜ୍ୟକୁ ଏହି ପ୍ରସଙ୍ଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଉଛୁ ।

ଆମେ ଏହା ମଧ୍ୟ ସ୍ପଷ୍ଟ କରୁଛୁ ଯେ ଏହି ପ୍ରସଙ୍ଗରେ ରାଜ୍ୟର କୌଣସି ଅଧିକାରୀ କିମ୍ବା କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ କିମ୍ବା ଦୋଷ ବିଷୟରେ ଆମେ କୌଣସି ମତ ପ୍ରକାଶ କରିନାହୁଁ ।

13. ତଦନୁସାରେ ଆମେ ଆଜ୍ଞାଦେଶ ଆବେଦନର ଫଇସଲା କରୁ ଏବଂ ମୃତ ମହିଳାଙ୍କ ମୌଳିକ ଅଧିକାରଗୁଡିକର ସତ୍ୟତା ପ୍ରତିପାଦନ କରିବା ନିମିତ୍ତ ଏବଂ ଆଇନର ନିୟମକୁ ବଜାୟ

ରଖିବାକୁ ତାଙ୍କ ଦ୍ଵାରା କରାଯାଇଥିବା କଠିନ ପ୍ରୟାସ ପାଇଁ ଯୁବ ଆଇନ ଛାତ୍ରୀଙ୍କ ଦ୍ଵାରା ପ୍ରଦାନ କରାଯାଇଥିବା ସେବା ନିମିତ୍ତ ଆମର ପ୍ରଶଂସାକୁ ଲିପିବଦ୍ଧ କରୁ ।

ଆର୍ . ପି . ଆଜ୍ଞାଦେଶ ଆବେଦନର ସମାଧାନ କରାଗଲା ।

**<u>ଅସ୍ଵୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।